# Akashvani, Sambalpur

## SAMBALPURI NEWS EVENING BULLETIN

## 4 April 2024- 7.02 pm- 7.12 pm.

*********************************************

୧- ନିର୍ବାଚନ୍ କାମ୍‌ଥି ନିୟୋଜିତ୍ କର୍ମଚାରୀମାନେ ପୋଷ୍ଟାଲ୍ ବାଲଟ୍ ଜରିଏ ଭୋଟ୍ ଦେଇପାର୍‌ବେ- ସ୍ୱଷ୍ଟ କଲେ ଭାରତ୍‌ର ନିର୍ବାଚନ୍ କମିଶନ୍ ।

୨- ୨ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍‌ର ନାମାଙ୍କନ୍ ପତ୍ର ଦାଖଲ୍ ଆଏଜ୍ ଥିଲା ଶେଷ୍ ଦିନ୍ ।

୩- ରାଜ୍ୟସଭା ସାଂସଦ୍ ଭାବେ ଅଶ୍ୱିନୀ ବୈଷ୍ଣବ୍, ଦେବାଶିଷ୍ ସାମନ୍ତରାୟ ଆଉ ସୁବାଶିଷ୍ ଖୁଂଟିଆ ଆଏଜ୍ ନେଲେ ଶପଥ୍ ।

୪- ମୁଖ୍ୟ ନିର୍ବାଚନ୍ କମିଶନର୍ ୪ ଟା ସଂସଦୀୟ କ୍ଷେତ୍ରର୍ ନିର୍ବାଚନ୍ ପରିଚାଳନା ବାବ୍‌ଦେ ସମ୍ବଲ୍‌ପୁରେ କଲେ ସମୀକ୍ଷା ।

ଆଉର୍

୫- ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ମିଥ୍ୟା ବାର୍ତା          ଆର୍‌ଏନ୍‌ୟୁ/ କଟକ୍

ସର୍‌କାରୀ କର୍ମଚାରୀମାନେ ପୋଷ୍ଟାଲ୍ ବାଲାଟ୍ ଜରିଏ ଭୋଟ୍ ନାଇଁ ଦେଇପାରନ୍ ବଲି ସାମାଜିକ ଗଣମାଧମ୍‌ଥି ପ୍ରସାରିତ୍ ହେଉଥିବା ମିଛ୍ ଖବର୍‌କେ ନିର୍ବାଚନ୍ କମିଶନ୍ ଖଣ୍ଡନ୍ କରିଛନ୍ । ଇ ବାବ୍‌ଦେ ସାମାଜିକ ଗଣମାଧମ୍‌ଥି ନିର୍ବାଚନ୍ କମିଶନ୍ କହିଛନ୍ ଯେ, ନିର୍ବାଚନ୍ କାମ୍‌ଥି ନିୟୋଜିତ ଅଧିକାରୀମାନେ ଧାରିଜ୍ ମତଦାନ୍ କେନ୍ଦ୍ର ନ ପୋଷ୍ଟାଲ୍ ବାଲାଟ୍ ଜରିଏ ଭୋଟ୍ ଦେଇପାର୍‌ବେ । ଏନ୍ତା ବିଭ୍ରାନ୍ତକର ଆଉ ମିଛ୍ ଖବର୍‌କେ ଧ୍ୟାନ୍ ନାଇଁଦେବାର୍‌କେ ଆୟୋଗ ତର୍‌ଫୁ ଲୋକ୍‌ମାନ୍‌କୁ ଅନୁରୋଧ୍ କରାଯାଇଛେ । ଜନସାଧାରଣ ଆୟୋଗଙ୍କର୍ ସର୍‌କାରୀ ୱେବ୍‌ସାଇଟ୍‌ନୁ ଇ ବାବଦ୍ ଖବର୍ ଜାନିପାର୍‌ବେ ।

କେନ୍ଦ୍ରୀୟ ନିର୍ବାଚନ୍ ଆୟୋଗ- ନିର୍ଦ୍ଦେଶାବଳୀ

ଆର୍‌ଏନ୍‌ୟୁ/ କଟକ୍

ଭାରତର ନିର୍ବାଚନ୍ ଆୟୋଗ - ଚଲ୍‌ତି ଲୋକ୍‌ସଭା ଆର୍ ବିଧାନ୍‌ସଭା ନିର୍ବାଚନ୍‌ଥି ଆନ୍ତଃରାଜ୍ୟ ଆଉ ଆନ୍ତଃଜିଲ୍ଲା ସୀମା ନ ଆଇନ୍ ଶୃଙ୍ଖଳା ପରିସ୍ଥିତି, ବେଆଇନ୍ କାର୍ଯ୍ୟକଳାପ ରୁକ୍‌ବାର୍

ଆର୍ ଇତାର୍ ଉପ୍ରେ କଡ଼ା ନଜର୍ ରଖ୍ବାର୍ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍କେ ନିର୍ଦ୍ଦେଶ ଦେଇଛନ୍ । ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ଅଧିକାରୀମାନ୍କର୍ ସଙ୍ଗେ ସୀମା ରକ୍ଷଣାବେକ୍ଷଣ୍ କରୁଥିବା କେନ୍ଦ୍ରୀୟ ଏଜେନ୍ସି ଭିତ୍ରେ ଲଗାତାର୍ ସମନ୍ୱୟ ଆଉ ସହଯୋଗ୍ ଲାଗି ଗୁଟେ ମଂଚ୍ ନ ଏକ୍ଠନିଆ ହେବାର୍ ଲାଗି ଆୟୋଗଙ୍କର୍ ତର୍ଫୁ ଅନୁରୋଧ୍ କରାଯାଇଛେ । ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଆର୍ ପ୍ରଲୋଭନଶୂନ୍ୟ ନିର୍ବାଚନ୍ ସୁନିଶ୍ଚିତ୍ କର୍ବାର୍ ଲାଗି ନିର୍ବାଚନ୍ ଆୟୋଗ୍ ପ୍ରତିବଦ୍ଧତା ଉପ୍ରେ ଆଲୋକପାତ କରିକରି ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ୍ କୁମାର୍ କହିଛନ୍ ଯେ, ନିର୍ବାଚନ୍ ପ୍ରକ୍ରିୟାଥି ବିଶ୍ୱସନୀୟତା ବଜାୟ ରଖ୍ବାର୍ ଆର୍ ସମାନ୍ ସୁଯୋଗ୍ ନିଶ୍ଚିତ୍ କର୍ବାର୍ ଉପ୍ରେ ସବୁ ଅଂଶୀଦାର୍ମାନେ ଧ୍ୟାନ୍ ଦେବାର୍କେ ପଡ଼୍ବା । ପଡ଼୍ୋଶୀ ରାଜ୍ୟ-ରାଜ୍ୟ ଭିତ୍ରେ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍କର୍ ଭିତ୍ରେ ସମନ୍ୱୟ ବଢ଼ାବାର୍, ପର୍ଯ୍ୟାପ୍ତ ପରିମାଣ୍ଥି ସର୍କାର୍ଙ୍କର୍ ତର୍ଫୁ ଦିଆଯାଉଥିବା ସୁରକ୍ଷା ବଳ ଉପ୍ରେ ଜୋର୍ ଦେଇଛନ୍ ।

କେନ୍ଦ୍ର ସଶସ୍ତ୍ର ପୁଲିସ ବଳ, ଯବାନ୍ ମାନ୍କର୍ ଯା'ଆସ୍ ଆଉ ପରିବହନ୍ ଲାଗି ସବୁପ୍ରକାର୍ ସାହାଜ୍, ନିର୍ବାଚନ୍ ପ୍ରକ୍ରିୟା ଉପ୍ରେ ପ୍ରଭାବ୍ ପକଉଥିବା ସୀମାନ୍ତ ଇଲାକା ନ ଫ୍ଲାସ୍ ପଏଂଟ୍ ଚିହ୍ନଟ୍ କର୍ବାର୍ ଉପ୍ରେ ଜୋର୍ ଦେଇଛନ୍ ।

ଅତୀତର୍ ଅନୁଭୂତି ଆଧାର୍‌ଥି ସାମ୍ପ୍ରଦାୟିକ ଉତେଜନାର୍ ସମାଧାନ୍ ଲାଗି ପ୍ରାଥମିକ ପଦକ୍ଷେପ୍ ଆଉ ବେଆଇନ୍ କାର୍ଯ୍ୟକଳାପ ବିରୋଧ୍ ନ ସୀମାକେ ସୁରକ୍ଷିତ ରଖ୍‌ବାର୍ ଜରୁରୀ ଆବଶ୍ୟକତା ଉପ୍‌ରେ ସେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କର୍ ତର୍‌ଫୁ ଜୋର୍ ଦିଆଯାଇଛେ । ଅର୍ନ୍ତଜାତୀୟ ସୀମାଥି ନିଶା ଆଉ ମାଦକ ଦ୍ରବ୍ୟ କାର୍‌ବାର୍, ଅସ୍ତ୍ରଶସ୍ତ୍ର ଆଉ ବିସ୍ଫୋରକ ସହେତେ ନିଷିଦ୍ଧ ସାମଗ୍ରୀ ପରିବହନ୍ ଉପ୍‌ରେ ଅଙ୍କୁଶ୍ ଲଗାବାର୍ ଲାଗି କଡ଼ା ସତର୍କତା ଅବଲମ୍ବନ୍ କର୍‌ବାର୍ ଲାଗି ଆୟୋଗଙ୍କର୍ ତର୍‌ଫୁ ସବୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଲୋକ୍‌ସଭା ନିର୍ବାଚନ୍ ଦ୍ୱିତୀୟ ପର୍ଯ୍ୟାୟ- ବିଜ୍ଞପ୍ତି/ଆର୍‌ଏନ୍‌ୟୁ/କଟକ୍

ଲୋକ୍‌ସଭା ନିର୍ବାଚନ୍ ର ଦୁଇ ନମ୍ବର୍ ଖେପ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ଆଏଜ୍ ଶେଷ୍ ହେଇଛେ । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ୮୮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା ।

ଇ ଖେପେ ଆଏବା ୨୬ ତାରିଖ୍ ଦିନ ଭୋଟ୍ ହେବା । ଜାମ୍ମୁ କାଶ୍ମୀର୍‌କେ ଛାଡ଼ିକରି ଆଏବା କାଏଲ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ନାମାଙ୍କନ୍‌ର ଯାଂଚ୍ ହେବା । ହେଲେ ଜାମ୍ମୁ କାଶ୍ମୀର୍ ନ ୬ ତାରିଖ୍‌ଦିନ ନାମାଙ୍କନ ଯାଂଚ୍ କରାଯିବା ।

ରାଜ୍ୟସଭା ଶପଥ୍ ପାଠ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାନୁ ମନୋନୀତ୍ ହେଇଥିବା ୩ ଝନ୍ ରାଜ୍ୟସଭା ସାଂସଦ୍ ଅଶ୍ୱିନୀ ବୈଷ୍ଣବ, ଦେବାଶିଷ୍ ସାମନ୍ତରାୟ ଆଉ ସୁବାଶିଷ୍ ଖୁଂଟିଆଙ୍କର୍ ସହେତେ ୧୪ ଝନ୍ ସାଂସଦ୍ ଆଏଜ୍ ଶପଥ୍ ନେଇଛନ୍ । ଉପ ରାଷ୍ଟ୍ରପତି ଆଉ ରାଜ୍ୟସଭା ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ଼୍ ପାର୍ଲାମେଂଟ ଭବନ୍‌ଥି ସାଂସଦ୍ ମାନ୍‌କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରେଇଥିଲେ । ଅଲ୍‌ଗା ପ୍ରମୁଖ ସାଂସଦ୍ ମାନ୍‌କର୍ ଭିତ୍‌ରେ କଂଗ୍ରେସ୍‌ର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, ଅଜୟ ମାକେନ୍ ଆଉ ବିଜେପି ନେତା ଆର୍.ପି.ଏନ୍. ସିଂ ପ୍ରମୁଖ ଶପଥ୍ ନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଅଶ୍ୱିନୀ ବୈଷ୍ଣବ୍ ଓଡ଼ିଶାନୁ ବିଜେପି ତର୍‌ଫୁ ନିର୍ବାଚିତ୍ ହେଇଥିବାର୍ ବେଲେ ଦେବାଶିଷ୍ ସାମନ୍ତରାୟ ଆଉ ସୁବାଶିଷ୍ ଖୁଂଟିଆ

ବିଜୁ ଜନତା ଦଲ୍‌ନୁ ରାଜ୍ୟସଭାକେ ଯାଇଛନ୍ । ଓଡ଼ିଶାର୍ ୩ ଝନ୍ ରାଜ୍ୟସଭା ସାଂସଦ୍ ପ୍ରଶାନ୍ତ ନନ୍ଦ, ଅମର୍ ପଟ୍ଟନାୟକ୍ ଆର୍ ଅଶ୍ୱିନୀ ବୈଷ୍ଣବଙ୍କର୍ କାର୍ଯ୍ୟକାଲ୍ ଗଲାକାଏଲ୍ ଶେଷ୍ ହେଇଥିଲା । ସାଂସଦ୍ ପ୍ରଶାନ୍ତ ନନ୍ଦ ଆର୍ ଅମର୍ ପଟ୍ଟନାୟକଙ୍କର୍ ଜାଗା ନ ଦେବାଶିଷ୍ ସାମନ୍ତରାୟ ଆଉ ସୁବାଶିଷ ଖୁଂଟିଆ ରାଜ୍ୟସଭାକେ ନିର୍ବାଚିତ୍ ହେଇଥିବାର୍ ବେଲେ ଅଶ୍ୱିନୀ ବୈଷ୍ଣବ୍ ୨ ନମ୍ବର୍ ଥର୍ ଲାଗି ରାଜ୍ୟସଭା ଯାଇଛନ୍ ।

ଭୋଟ୍ ଦିନ ଛୁଟି ଘୋଷ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୪ ଟା ଖେପେ ନିର୍ବାଚନ୍ ସମିଆଥି ସର୍‌କାରୀ କାର୍ଯ୍ୟାଳୟ ଆଉ କୋର୍ଟ ବନ୍ଦ୍ ରହେବା । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି ହେଇଛେ । ଆଏବା ମେ ୧୩ ତାରିଖ୍ ଦିନ କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର ଆର୍ କୋରାପୁଟ୍ ନ ପହେଲା ଖେପେ  ଭୋଟ୍ ହେବା । ମେ ୨୦ ତାରିଖ୍ ଦିନ ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା, ମେ ୨୫ ତାରିଖ୍ ଦିନ ସମ୍ବଲ୍‌ପୁର୍, କେନ୍ଦୁଝର୍, ଢେଙ୍କାନାଲ୍, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ନ ଭୋଟ୍

ହେବା । ଜୁନ୍ ୧ ତାରିଖ୍ ଦିନ ମୟୁରଭଞ୍ଜ, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ନ ଭୋଟ୍ ହେବା । ଇ ଦିନ୍ ମାନ୍‌କେ ସବୁ ସର୍‌କାରୀ କାର୍ଯ୍ୟାଳୟ ବନ୍ଦ୍ ରହେବା ବଲି ସୂଚ୍‌ନା ମିଳିଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମ୍ବଲ୍‌ପୁର୍ ନ ୪ ଟା ଲୋକସଭା ନିର୍ବାଚନ୍ ମଣ୍ଡଳୀର୍ ସମୀକ୍ଷା କରିଛନ୍ । ସମ୍ବଲ୍‌ପୁର୍, ଢେଙ୍କାନାଲ୍, ସୁନ୍ଦର୍‌ଗଡ଼୍ ଆଉ ବର୍‌ଗଡ଼୍ ସଂସଦୀୟ କ୍ଷେତ୍ରର୍ ନିର୍ବାଚନ୍ ପରିଚାଳନାର୍ ପ୍ରସ୍ତୁତି ବାବ୍‌ଦେ ସେ ସମୀକ୍ଷା କରିଛନ୍ । ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଅନୁଗୁଲ୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ଢେଙ୍କାନାଲ୍ ଜିଲ୍ଲାର୍ ୨୮ ଟା ବିଧାନ୍‌ସଭା କ୍ଷେତ୍ରମାନ୍‌କର୍ ନିର୍ବାଚନ୍ ପରିଚାଳନା ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା । ନିର୍ବାଚନ୍‌କେ କେନ୍ତା ଅବାଧ ଆଉ ନିରପେକ୍ଷ କରାଯିବା, ଆଦର୍ଶ ଆଚରଣ ବିଧିକେ ଠିକ୍ ଭାବେ ପାଳନ୍ କର୍‌ବାର୍ ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ ଜିଲ୍ଲାପାଳ୍ ଆର୍ ଏସ୍.ପି.ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଗ୍ରୀଷ୍ମପ୍ରବାହକେ

ନଜରଥି ରଖିକରି ସବୁ ଜିଲ୍ଲା ପ୍ରଶାସନ୍, ଭୋଟର୍‌ମାନ୍‌କର୍ ସୁବିଧା ଲାଗି ବ୍ୟବସ୍ଥା କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ । ପୁଲିଂ ପର୍ସନାଲ୍ ଆର୍ ମୋବାଇଲ୍ ପାର୍ଟି ଯେନ୍ତା କେନ୍‌ସି ଅସୁବିଧାର୍ ସାମ୍ନା ନାଇଁ କର୍‌ବେ ସେଥିର୍‌ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା । ୬୦ ନୁ ୭୦ ଟା ବୁଥ୍‌ଥି ୱେବ୍‌କାଷ୍ଟିଂ କରାଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ କହିଛନ୍ । ବୈଠକ୍‌ଥି ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନେ ଯୋଗ୍ ଦେଇଥିଲେ ।

## ଗଙ୍ଗାଧର୍ ମେହେର୍ ଶ୍ରାଦ୍ଧବାର୍ଷିକୀ

ବର୍‌ଗଡ଼୍/ ସମ୍ବଲପୁର୍ ସମ୍ବାଦଦାତା

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଶହେ ନମ୍ବର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ତାଁକର୍ ଜନ୍ମସ୍ଥାନ୍ ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ନ ଆଏଜ୍‌ନୁ ୫ ଦିନିଆ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଆଏଜ୍ ସଖାଲୁ କବିଙ୍କର୍ ଜନ୍ମସ୍ଥାନ୍ କବିଭବନ୍, କବିଙ୍କର୍ ସମାଧୀ ଆର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ଗଙ୍ଗାଧର୍ କଲ୍ୟାଣ୍‌ମଣ୍ଡପ୍ ନ ଇ ଅବ୍‌ସରେ ସାହିତ୍ୟ ସଭାର ଆୟୋଜନ୍ କରାଯାଇଛେ ।

ସେନ୍ତା ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଇ ଅବ୍‌ସରେ ଆଏଜ୍‌ନୁ ୩ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁ ଇ କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଥିଲେ । ବିଶ୍ୱବିଦ୍ୟାଳୟ ପରିସର୍‌ଥି ଥିବା ଗଙ୍ଗାଧର୍ ମେହେର୍‌ଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା ।

ବୌଦ୍ଧ- ନିର୍ବାଚନ୍ ପରିଚାଳନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଆଏଜ୍ ନିର୍ବାଚନ୍ ପରିଚାଳନା ବାବ୍‌ଦେ ଗୁଟେ ତାଲିମ୍ ଶିବିର ହେଇଯାଇଛେ । ବିଧାନ୍‌ସଭା ଆଉ ଲୋକ୍‌ସଭା ନିର୍ବାଚନ୍‌କେ ସରଳ ଆଉ ନିର୍ଭୁଲ୍ କର୍‌ବାର୍ ଲାଗି ପୁଲିଂ ଅଧିକାରୀମାନ୍‌କେ ତାଲିମ୍ ଦିଆଯାଇଛେ । ମାଷ୍ଟର୍ ଟ୍ରେନର୍‌ମାନେ ସେମାନ୍‌କୁ ଇଭିଏମ୍ ପରିଚାଳନା, ଭିଭିପାଟ୍ ବେଭାର୍ ବାବ୍‌ଦେ ତାଲିମ୍ ଦେଇଥିଲେ ।

ସେଆଡ଼େ ବୌଦ୍ଧ ପଂଚାୟତ୍ କଲେଜ୍‌ଠାନେ ଅତିରିକ୍ତ ଜିଲ୍ଲାପାଲ୍ ଆଉ ଅଲ୍‌ଗା ଅଧିକାରୀମାନେ ନିର୍ବାଚନ ଷ୍ଟ୍ରଙ୍ଗ୍‌ରୁମ୍‌ର ତଦାରଖ୍ ଆଉ ପ୍ରସ୍ତୁତି କାମ୍‌ର ସମୀକ୍ଷା କରିଛନ୍ । ଇଠାନେ କଂଟାମାଲ୍ ଆର୍ ବୌଦ୍ଧ ନିର୍ବାଚନ୍ ମଣ୍ଡଳୀର୍ ଭୋଟ୍ ଗନ୍ତି କାମ୍ ଭିଲ୍ କରାଯିବା ।

ଇପିଏଫ୍ଓ                    ଆର୍ଏନ୍ୟୁ / ସମ୍ବଲପୁର

ଗୁଟେ ସଂସ୍ଥା ନ ଚାକିରୀ ଛାଡ଼ିକରି ଅଲ୍ଗା ସଂସ୍ଥାକେ ଗଲେ ପ୍ରୋଭିଡେଂଟ୍ ଫଣ୍ଡ ପ୍ରାପ୍ୟ ଆପେ ଆପେ ଯିବା ବଲି ଇପିଏଫ୍ଓ ତର୍ଫୁ କୁହାଯାଇଛେ । ଆଘୋନୁ ଗୁଟେ ସଂସ୍ଥା ଛାଡ଼ିକରି ଅନ୍ୟ ସଂସ୍ଥା ନ ଯୋଗ୍ ଦେଲେ ସେ କର୍ମଚାରୀଙ୍କୁ ପି.ଏଫ୍. ପ୍ରାପ୍ୟ ସ୍ଥାନାନ୍ତରଣ୍ ଲାଗି ଆବେଦନ୍ କର୍ବାର୍କେ ପଡୁଥିଲା । ହେଲେ ଗଲା ୧ ତାରିଖ୍ନୁ ତାକେ ବଦ୍ଲାଯାଇକରି ସ୍ୱୟଂକ୍ରିୟ ନିୟମ୍ ଲାଗୁ କରାଯାଇଛେ । ଇଟା କର୍ମଚାରୀ ଆଉ ନିଯୁକ୍ତିଦାତାଙ୍କର୍ ଲାଗି ସୁବିଧା ହେବା ।

ଟ୍ରାଫିକ୍ ବ୍ୟବସ୍ଥା- ସିସିଟିଭି           ଝାର୍ସୁଗୁଡ଼ା ସମ୍ବାଦଦାତା

ଝାରସୁଗୁଡ଼ା ସହରେ ଟ୍ରାଫିକ୍ ଆଉ ଅପରାଧୀକ କାର୍ଯ୍ୟକଳାପକେ ଆଏତ୍ କର୍ବାର୍ ଲାଗି ବେହେରାମାଲ୍, ଏସ୍.ପି. ଅଫିସ୍ ଛକ୍, ବିମାନ୍ବନ୍ଦର୍ ଛକ୍, ପୁର୍ନାବସ୍ଷ୍ଟେଣ୍ଡ୍ ଛକ୍, ଟାଉନ୍ଥାନା ଛକ୍ ଆଉ ସର୍ବାହାଲ୍ ଛକ୍ ବାଗିର୍ ମୁଖିଆ ଛକ୍ମାନ୍କେ ସିସିଟିଭି

କେମ୍ରା ଲଗାଯାଇଛେ । ଏସ୍.ପି.ଙ୍କର୍ କାର୍ଯ୍ୟାଳୟ ନ ଥିବା କଂଟ୍ରୋଲ୍ ରୁମ୍‌ନୁ ଡ୍ରାଇଭର୍ ମାନ୍‌କର୍ ଗତିବିଧି ଉପ୍‌ରେ ନଜର୍ ରଖ୍‌ବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ଆଏବା ୮ ତାରିଖ୍‌ନୁ ମୋଟର୍‌ଯାନ ଆଇନ୍ ଭାଙ୍ଗୁଥିବା ଲୋକ୍‌ମାନ୍‌କର୍ ବିରୋଧ୍ ନ ଅନ୍‌ଲାଇନ୍ ଜରିଏ ଚାଲାଣ୍ କଟାଯିବା । ଇତାର୍‌ଛଡ଼ା ଟ୍ରାଫିକ୍ ନିୟମ୍ ନାଇଁ ମାନୁଥିବାର୍ ଲୁକ୍‌କର୍ ବିରୋଧ୍ ନ ଭିଲ୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଆଂଚଲିକ୍ ପରିବହନ୍ ଅଧିକାରୀ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ପର୍ଶ୍ଚିମ ଆଉ ଭିତ୍‌ରିଆ ଜିଲ୍ଲା ମାନ୍‌କେ ଅଏତ୍‌କା ଗରମ୍ ହେଉଛେ । ଆଏବା ଶନିବାର୍‌ତକ୍ ପାଗ୍ ନାଇଁ ବଦ୍‌ଲେ ଆଉ ତାତି ୨ ନୁ ୩ ଡିଗ୍ରୀ ବଢ଼୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।

ଖରାକେ ନଜର୍‌ଥି ରଖିକରି ବିଦ୍ୟାଳୟମାନ୍‌କେ ଛାତ୍ରଛାତ୍ରୀମାନ୍‌କୁ ଝାଉମରାନୁ ରକ୍ଷା କର୍‌ବାର୍ ଲାଗି ପାଠ୍‌ପଢ଼ା ସମିଆଥି ୩ ଥର୍ ପାଏନ୍ ଯୁଗେଇ ଦେବାର୍ ଲାଗି ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ସ୍କୁଲ୍‌ର ପ୍ରଧାନ୍

ଶିକ୍ଷକ୍‌ମାନ୍‌କୁ- ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସମ୍ବଲ୍‌ପୁର୍ -ସ୍କୁଲ୍ ସମୟ ବଦ୍‌ଲି ସମ୍ବଲ୍‌ପୁର୍ ସମ୍ବାଦଦାତା

ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଜିଲ୍ଲା ନ ସ୍କୁଲ୍ ସମିଆ ଆଉ ଶ୍ରମିକ୍ ମାନ୍‌କର୍ କାମ୍ କର୍‌ବାର୍ ସମିଆକେ ଜିଲ୍ଲାପାଲ୍ ଅଗ୍ରୱାଲ୍ ଅକ୍ଷୟ ସୁନୀଲ୍ ବଦ୍‌ଲାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାଥି ସବୁ ସର୍‌କାରୀ ଆଉ ବେସର୍‌କାରୀ ସ୍କୁଲ୍ ସାଢ଼େ ୬ ନୁ ସାଢ଼େ ୧୦ ତକ୍ ଖୁଲାରହେବା । ସେନ୍ତା ଶ୍ରମିକ୍‌ମାନେ ୧୧ ବଜେନୁ ସାଢ଼େ ୩ ବଜେତକ୍ କାମ୍ କର୍‌ବାର୍ ଉପ୍‌ରେ କଟ୍‌କନା ଲଗାଯାଇଛେ ।